# ମାଈଜି ଘିଚା

ହୋଇଗଲା
ମୋ’ ହାତ ଧରିଲ
ଏପରି ଘିଚିଲି ତୁମକୁ ।।୧

ହାତରୁ ତୁମ
ଇଟା ନେଉ ନେଉ
ମୋ’ ମିସତ୍ରୀପଣ
ଦୋହୋଲିଲା
କର୍ମମୟ ଜୀବନର
ଘର ତୋଳୁ ତୋଳୁ
ଆପଣା ଘର ପାଇଁ
ସ୍ୱପ୍ନ ବଢିଲା ।।୨

ଇଟା ତ ନେଲି
ତା’ ସାଙ୍ଗକୁ
ତୁମ ମୁରୁକି ହସା
ଅଂଟା ଭଂଗା ଚାଲି
ସବୁସଇଲା
ସିମେଣ୍ଟ ବଦଳେ
ଗୋଲାପ ଘାଣ୍ଟିଲି
ଇଟା ଧରୁ ଧରୁ
ତୁମ ହାତକୁ ଧରିଲି
ସେଠି ଆରମ୍ଭିଲା
ମୋ ନୂଆ ସକାଳ
ତୁମ ସରମ ଝାଳ ।।୩

ରାଜି ତ ହେଲ
ମୁଁ ବି ହେଲି
ସମୟ ପାଇ

ମାଇଜି ଘିଚିଲି
ପାଖଘର ଭିତରେ
ତୁମକୁ ପୁରାଇ
ଭିତର ପଟୁ
କବାଟ କିଳା
ପକେଇଲି  ।।୪

ବାପ ଆସିଲେ ତୁମ
ସମାଜ ଡାକିଲେ
କହିଲେ ଭେଣ୍ଡା
ଧରିଲା ମୋ
ଝିଅ ହାତ
ଦେବି ତାକୁ ଏବେ
ଦି ବିଧା, ଚାରି ଲାତ  ।।୫

ସମାଜବାବୁ କହିଲେ
ଧର୍ଯ୍ୟ ଧର
ପ୍ରଥମେ ପଚାରୁ
ଝିଅକୁ ତୁମର
କବାଟ ସେପଟୁ
ବାବୁ ପଚାରିଲେ
ଝିଅ ତୁ ରାଜି
କଇଁ କଇଁ ହୋଇ
ତୁମେ କହିଲ
ଧଙ୍ଗଡା ଧରିଲା ହାତ
କଅଣ କରିବି
ମୁଁ ଆଜି  ।।୬

ତା' ପରେ ଛିଣ୍ଡିଲା
କଥାଟା ଏଠି
ପାଂଚ' ଶ ଜୋରିମାନା
ମୋ ପକେଟ କାଟି

ଶେଷରେ ସମାଜ
ଖାଇଲେ ଭୋଜି
ଆଉ ମୁଁ
ପାଇଲି ମାଇଜି
ତୁମକୁ ଆଜି ।।।୭

ଦିଗମ୍ବର ପାତ୍ର